# Official Spokesperson’s response to media queries on escalation of conflict in Ukraine

October 10, 2022

## ୟୁକ୍ରେନରେ ବିବାଦ ବୃଦ୍ଧି ପାଇଥିବା ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଅକ୍ଟୋବର 10, 2022**

**ୟୁକ୍ରେନରେ ବିବାଦ ବୃଦ୍ଧି ପାଇଥିବା ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:**

"ୟୁକ୍ରେନରେ ବିବାଦ ବୃଦ୍ଧି ପାଇବା ସହିତ ଭିତ୍ତିଭୂମିକୁ ଟାର୍ଗେଟ କରାଯିବା ଏବଂ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବାକୁ ନେଇ ଭାରତ ଗଭୀର ଭାବରେ ଚିନ୍ତିତ।

2. ଆମେ ଦୋହରାଉଛୁ ଯେ ଶତ୍ରୁତା ବୃଦ୍ଧି ପାଇଲେ କାହାରି  ହିତ ସାଧନ ହେବ ନାହିଁ। ଶତ୍ରୁତାକୁ ତୁରନ୍ତ ଶେଷ କରିବାକୁ ଏବଂ କୂଟନୀତି ଓ ଆଲୋଚନା ପଥକୁ ତୁରନ୍ତ ପ୍ରତ୍ୟାବର୍ତ୍ତନ କରିବାକୁ ଆମେ ଅନୁରୋଧ କରୁଛୁ। ଏହି ବିବାଦକୁ ସମାପ୍ତ କରିବା ଉଦ୍ଦେଶ୍ୟରେ ଭାରତ ସମସ୍ତ ପ୍ରକାର ପ୍ରୟାସକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି।

3. ବିବାଦ ଆରମ୍ଭ ହେବା ଦିନଠାରୁ ଭାରତ ଲଗାତାର କହି ଆସିଛି ଯେ ମିଳିତ ଜାତିସଂଘର ଚାର୍ଟର, ଆନ୍ତର୍ଜାତିକ ଆଇନ ଏବଂ ସମସ୍ତ ରାଷ୍ଟ୍ରର ସାର୍ବଭୌମତ୍ୱ ତଥା ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ଉପରେ ବୈଶ୍ୱିକ ଶୃଙ୍ଖଳା ଆଧାରିତ।”

**ନୂଆଦିଲ୍ଲୀ**

**ଅକ୍ଟୋବର 10, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.